# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**14 July - 2024**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ଦୀର୍ଘ ୪୬ ବର୍ଷ ପରେ ଖୋଲିଲା ପୁରୀ ଶ୍ରୀମନ୍ଦିରର ବାହାର ଓ ଭିତର ରତ୍ନଭଣ୍ଡାର

– ବାହାର ରତ୍ନଭଣ୍ଡାରର ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର

- ପୁରୀରେ ଆସନ୍ତାକାଲି ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା

– ଶ୍ରୀଗୁଣ୍ଡିଚା ମନ୍ଦିରରେ ଶେଷ ହେଲା ସନ୍ଧ୍ୟାଦର୍ଶନ

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଜନସାଧାରଣଙ୍କ ଅଭିଯୋଗର କରିବେ ଶୁଣାଣି

ଏବଂ

- ଘୂର୍ଣ୍ଣିବଳୟର ପ୍ରଭାବରେ ପ୍ରବଳ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା

*Puri*

# ରତ୍ନଭଣ୍ଡାର ଖୋଲା ପ୍ରସଙ୍ଗ

**ପୁରୀ** ଶ୍ରୀମନ୍ଦିର ରତ୍ନଭଣ୍ଡାର ଦୀର୍ଘ ୪୬ ବର୍ଷ ପରେ ଆଜି ପୁଣି ଥରେ ଖୋଲାଯାଇଛି। ଅମୃତ ବେଳା ଅପରାହ୍ନ ୧ଟା ୨୮ ମିନିଟ୍ ସମୟରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ୧୧ ଜଣିଆ ସଦସ୍ୟ ରତ୍ନଭଣ୍ଡାର ଖୋଲିବା ସମୟରେ ଉପସ୍ଥିତ ଥିଲେ। ପ୍ରଥମେ ବାହାର ରତ୍ନଭଣ୍ଡାର ଖୋଲାଯାଇଥିବାବେଳେ ପରେ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା।

ରତ୍ନଭଣ୍ଡାର ଖୋଲିବା ପରେ ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଲ୍ଲେଖ କରିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାରେ ଆଜି ରତ୍ନଭଣ୍ଡାର ଖୋଲାଯାଇଛି। ମହାପ୍ରଭୁଙ୍କ ଇଚ୍ଛାରେ ଓଡ଼ିଆ ଜାତି ଆଜି ତାର ଅସ୍ମିତାର ପରିଚୟ ନେଇ ଆଗକୁ ବଢ଼ିବାକୁ ଉଦ୍ୟମ ଆରମ୍ଭ କରିଛି ବୋଲି ସେ ଲେଖିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଜଷ୍ଟିସ ରଥ କହିଛନ୍ତି, ବାହାରର ରତ୍ନଭଣ୍ଡାରର ସମସ୍ତ ଅଳଙ୍କାରକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଛି। ଗୁଣ୍ଡିଚା ଯାତ୍ରା ନୀତିକାନ୍ତି ଶେଷ ହେବା ପରେ ଦିନ ଧାର୍ଯ୍ୟ କରାଯାଇ ଭିତର ରତ୍ନଭଣ୍ଡାର ଆଉଥରେ ଖୋଲାଯିବ।

**V/O**

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ମାର୍ଗଦର୍ଶିକା ଅନୁସାରେ ରତ୍ନଭଣ୍ଡାର ଖୋଲାଯାଇଥିଲା।  ଭିତର ରତ୍ନଭଣ୍ଡାରର ତାଲା ଖୋଲି ନଥିବାରୁ ଏହାକୁ ଭଙ୍ଗାଯାଇଥିଲା। ତେବେ ଶ୍ରୀଜୀଉମାନଙ୍କ ରତ୍ନଗୁଡ଼ିକର ଗଣତି-ମଣତି ଆଜି ହେବନାହିଁ ବୋଲି ସେ କହିଛନ୍ତି।

ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ପ୍ରଭୁ ଶ୍ରୀଲୋକନାଥ ଏବଂ ମା' ବିମଳାଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲ। ରତ୍ନଭଣ୍ଡାର ଖୋଲାଯାଉଥିବାରୁ ପୁରୀ ଶ୍ରୀମନ୍ଦିରକୁ ଆଜି ଭକ୍ତମାନଙ୍କ ପ୍ରବେଶକୁ ବାରଣ କରାଯାଇଥିଲା। ଅଧିକୃତ ସେବାୟତ ଓ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ ଶ୍ରୀମନ୍ଦିରକୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା।

ରତ୍ନଭଣ୍ଡାର ଗଣତି ମଣତି ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କର ସହାୟତା ନିଆଯିବ ବୋଲି କମିଟିର ଜଣେ ସଦସ୍ୟ କହିଛନ୍ତି। ଅଳଙ୍କାର ସଂଖ୍ୟା, ଓଜନ ଓ ମାନର ମଧ ପରୀକ୍ଷଣ ଓ ନିର୍ଦ୍ଧାରଣ କରାଯିବ । ରତ୍ନଭଣ୍ଡାର ଖୋଲାଯିବାଠାରୁ ସମସ୍ତ ପ୍ରକ୍ରିୟାର  ଭିଡିଓଗ୍ରାଫି କରାଯାଇଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ୧୯୭୮ମସିହାରେ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲା ଯାଇଥିଲା ।

*Puri*

## ସନ୍ଧ୍ୟାଦର୍ଶନ

ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଜି ଶ୍ରୀଜୀଉଙ୍କ ନବମୀ ଦର୍ଶନ ତଥା ସନ୍ଧ୍ୟାଦର୍ଶନ ଶେଷ ହୋଇଛି। ଆସନ୍ତାକାଲି ବାହୁଡ଼ା ଯାତ୍ରା ପାଇଁ କେତେକ ଗୁପ୍ତନୀତି ଅନୁଷ୍ଠିତ ହେଉଥିବାରୁ ଶ୍ରଦ୍ଧାଳୁମାନେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ

ନବମୀ ସନ୍ଧ୍ୟା ଦର୍ଶନ କରିଥିଲେ। ବାହୁଡ଼ା ଯାତ୍ରା ପାଇଁ ଆଜିଠାରୁ ନୀତିକାନ୍ତି ଶୃଙ୍ଖଳିତ କରାଯାଇଥିବା ଜଣାଯାଇଛି। ଆଜି ରାତିରେ ମହାପ୍ରଭୁଙ୍କର ବାହୁଟକଷ୍ଟି, ଶ୍ରୀମୁଖ ଖଣ୍ଡୁଆ ଲାଗି କରାଯିବା ସହ ଚାରମାଳ ବନ୍ଧାଯିବ। ଆସନ୍ତାକାଲି ଭୋର୍ ୪ଟାରୁ ମଙ୍ଗଳ ଆଳତି ସହିତ ଦୈନିକ ନୀତି ଅନୁଷ୍ଠିତ ହେବ। ଅବକାଶ ପୂଜା ଶେଷ ପରେ ଗୋପାଳ ବଲ୍ଲଭ ଭୋଗ କରାଯିବ। ମହାପ୍ରଭୁଙ୍କୁ ଏହି ବେଶ୍‌ରେ ସକାଳ ଧୂପରେ ଖେଚୁଡ଼ି ଭୋଗ ପରେ ସେନାପଟା ଲାଗି କରାଯିବ। ଦିନ ୧୨ଟା ମଧ୍ୟରେ ମଙ୍ଗଳାର୍ପଣ ନୀତି କରାଯାଇ ପହଣ୍ଡି କରାଯିବ। ଏହାପରେ ସାଢ଼େ ୨ଟା ସମୟରେ ଛେରାପହଁରା ନୀତି କରାଯାଇ ଚାରମାଳ ଫିଟାଯିବା ପରେ ରଥରେ ଅଶ୍ୱ ସଂଯୁକ୍ତ କରାଯିବ। ଅପରାହ୍ନ ୪ଟାରେ ରଥଟଣା ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ କରାଯାଇଛି।

ଅନ୍ୟପକ୍ଷରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀଜୀଉମାନଙ୍କର ଅବଶିଷ୍ଟ ରୀତନୀତି ନିରୀକ୍ଷଣ ଏବଂ ଶୃଙ୍ଖଳିତ ପରିଚାଳନାର ତଦାରଖ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୁରୀରେ ଅବସ୍ଥାନ କରିଛନ୍ତି। ଶ୍ରୀଜୀଉମାନଙ୍କର ନୀଳାଦ୍ରି ବିଜେ ନୀତି ଶେଷ ହେବା ପର୍ଯ୍ୟନ୍ତ ଏହି ତିନି ମନ୍ତ୍ରୀ ପୁରୀରେ ଉପସ୍ଥିତ ରହିବେ।

***Desk***

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ । ଏହା ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ଅଭିଯୋଗ ଶୁଣାଣି ହେବ। ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସକାଳ ୮ଟାରୁ ୧୨ଟା ପର୍ଯ୍ୟନ୍ତ ଅଭିଯୋଗ ପଞ୍ଜିକରଣ ହେବା ପରେ ଶୁଣାଣି ହେବ ।

ସୂଚନାଯୋଗ୍ୟ, ରାଜ୍ୟରେ ନୂଆ ସରକାର ଗଠନ ହେବାପରେ ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରଥମଥର ଲାଗି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

*CTC*

## ସ୍ୱାସ୍ଥ୍ୟମନ୍ତ୍ରୀ-ତ୍ରିଶା ଅଗ୍ନିକାଣ୍ଡ

କଟକସ୍ଥିତ ଏକ ଘରୋଇ ନର୍ସିଂହୋମ୍‌ରେ ନିଆଁ ଲାଗିବା ଘଟଣାରେ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିବା ୧୭ ଜଣଙ୍କ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପଚାରି ବୁଝିଛନ୍ତି। ସେ ଶିଶୁଭବନ ଅଧୀକ୍ଷକଙ୍କ ସହ ଏ ନେଇ ଆଲୋଚନା କରିଥିଲେ।

ଅପରପକ୍ଷରେ ଉକ୍ତ ଘରୋଇ ନର୍ସିଂହୋମ୍‌ରୁ ଶିଶୁଭବନ ସ୍ଥାନାନ୍ତର ହୋଇଥିବା ୧୧ ଦିନର ଶିଶୁର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

*Ganjam*

# ସର୍ଟସର୍କିଟ୍

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଫାସିଗୁଡା ଗ୍ରାମରେ ନାଟକ ଚାଲିଥିବା ବେଳେ ମଞ୍ଚରେ ସର୍ଟସର୍କିଟ୍ ହୋଇ ୨୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ୮ ଜଣଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୧୨ ଜଣ ଚିକିତ୍ସା ପରେ ଘରକୁ ଫେରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

*Nabarangpur*

# ଅଭିଯୋଗ ଶୁଣାଣି

ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଆଜି ଦୁଇଟି ପଞ୍ଚାୟତର ୭ଟି ଗାଁର ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହା ମଧ୍ୟରେ ରାସ୍ତାଘାଟ ନିର୍ମାଣ, ପରିମଳ ବ୍ୟବସ୍ଥା, ପାନୀୟ ଜଳ ସମସ୍ୟା, ରାସନ କାର୍ଡରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ନେଇ ଅଭିଯୋଗ ଆସିଥିଲା । ବିଧାୟକ ଶ୍ରୀ ମାଝୀ ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ।

*Nuapada*

## ଥାଇରାଡ୍ ପରୀକ୍ଷା

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ଥାଇରଡ୍ ପରୀକ୍ଷା ସେବା ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ଏହି ପରୀକ୍ଷା କରାଯାଇପାରିବ।

*Desk*

## ହାତୀ ପ୍ରଶିକ୍ଷଣ କେନ୍ଦ୍ର

ଶିମିଳିପାଳ, ସାତକୋଶିଆ ଏବଂ କପିଳାସରେ ତିନୋଟି ହାତୀ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବ ବୋଲି  ପ୍ରଧାନ ମୁଖ୍ୟ ବନ ସଂରକ୍ଷକ-ବନ୍ୟପ୍ରାଣୀ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ଚନ୍ଦକା-ଡମପଡା ଅଭୟାରଣ୍ୟରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପ୍ରଥମ କୁମ୍‌କି ହାତୀ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ସୂଚନା ଅନୁସାରେ ହାତୀକୁ ପ୍ରଶିକ୍ଷଣ ଦେବା ପାଇଁ ତିନୋଟି ସୁଧାର ଗୃହ ଖୋଲାଯିବ । ରାଜ୍ୟର ହାତୀ ଗଣନା ୨୦୨୪ ସୂଚନା ଅନୁସାରେ ୪୮ଟି ବନାଞ୍ଚଳରେ ମୋଟ ୨ହଜାର ୯୮ ହାତୀ ଅଛନ୍ତି ।

*Desk*

## ଜଳଭଣ୍ଡାର

ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଦେଶର ସମସ୍ତ ଅଞ୍ଚଳକୁ ସ୍ପର୍ଶ କରିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ଲାଗି ରହିଛି । କେନ୍ଦ୍ରୀୟ ଜଳ କମିଶନଙ୍କ ସୂଚନା ଅନୁସାରେ ଦେଶର ୧୫୦ଟି ବୃହତ୍

ଜଳଭଣ୍ଡାର ଜଳସ୍ତରରେ ୨୬ପ୍ରତିଶତ ଜଳ ବୃଦ୍ଧି ପାଇଛି । ବର୍ତ୍ତମାନ ଏହି ଜଳଭଣ୍ଡାରଗୁଡିକରେ ମୋଟ ୪୬ ଦଶମିକ ୩୧୧ ବିଲିୟନ ଘନମିଟର ଜଳ ଗଚ୍ଛିତ ରହିଥିବା କମିଶନଙ୍କ ପକ୍ଷରୁ କୁହାଯାଇଛି ।

***Desk***

## ପ୍ୟାକ୍ଡ୍ ଫୁଡ୍ - ଆମେଣ୍ଡ୍ମେଣ୍ଟ

ପ୍ୟାକେଟ୍ ବନ୍ଦ ସାମଗ୍ରୀଗୁଡ଼ିକ ମଧ୍ୟରେ ସମାନତା ବଜାୟ ରଖିବା ଲାଗି ଉପଭୋକ୍ତା କାର୍ଯ୍ୟ ବିଭାଗ ଲିଗାଲ୍ ମେଟ୍ରୋଲୋଜି ନିୟମ-୨୦୧୧ରେ ସଂଶୋଧନ ଲାଗି ପ୍ରସ୍ତାବ ଦେଇଛି । ଏହି ସଂଶୋଧନ ପ୍ରସ୍ତାବ ଅନୁଯାୟୀ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ଖୁଚୁରା ବିକ୍ରୟ ପାଇଁ ପୂର୍ବରୁ ପ୍ୟାକେଟ୍‌ରେ ବନ୍ଦ ଥିବା ସାମଗ୍ରୀଗୁଡ଼ିକର ସମସ୍ତ ତଥ୍ୟ ଘୋଷଣା କରିବା ଅନିବାର୍ଯ୍ୟ ହେବ । ମନ୍ତ୍ରଣାଳୟ କହିଛି, ଏହା ସଂଶୋଧନ ହେଲେ ପ୍ୟାକେଟ୍ ବନ୍ଦ ସାମଗ୍ରୀ ଉତ୍ପାଦନ କରୁଥିବା ବିଭିନ୍ନ ବ୍ରାଣ୍ଡ୍ ମଧ୍ୟରେ ସ୍ଥିରତା ରକ୍ଷା କରାଯାଇପାରିବ । ଏହାଛଡ଼ା ଉପଭୋକ୍ତାମାନେ ବ୍ୟବହାର କରିବାକୁ ଯାଉଥିବା ସାମଗ୍ରୀର ସମସ୍ତ ସୂଚନା ପାଇପାରିବେ ଓ ଆବଶ୍ୟକତା ଅନୁଯାୟୀ ଉତ୍ପାଦନ ଚୟନ କରିପାରିବେ । ଏହି ସଂଶୋଧନ ପ୍ରସ୍ତାବ ଲାଗି ଚଳିତ ମାସି ୨୯ ତାରିଖ ସୁଦ୍ଧା ବିଭିନ୍ନ ପକ୍ଷଙ୍କଠାରୁ ପ୍ରସ୍ତାବ ଓ ପରାମର୍ଶ ଗ୍ରହଣ କରାଯିବ ।

*Desk*

## ନୀତି ଆୟୋଗ

ନୀତି ଆୟୋଗ ଇ-ଫାଷ୍ଟ ଇଣ୍ଡିଆ ପଦକ୍ଷେପର ଅଂଶ ସ୍ୱରୂପ ନୀତି ଗିୟରସିଫ୍ଟ ପ୍ରତିଯୋଗିତା ଆରମ୍ଭ କରିଛି । ଏହି ହାକାଥନର ଉଦ୍ଦେଶ୍ୟ ହେଉଛି ଦେଶର ଅର୍ଥନୈତିକ ଏବଂ ପରିବେଶଗତ ଆହ୍ୱାନର ମୁକାବିଲା କରି ଭାରତରେ ଶୂନ୍ୟ ନିର୍ଗମନ ଟ୍ରକ୍‌ର ଅଭିନବ ମଡେଲକୁ ପ୍ରୋତ୍ସାହିତ କରିବା । ଏ ସଂକ୍ରାନ୍ତରେ ନୀତି ଆୟୋଗ ଛାତ୍ରଛାତ୍ରୀ, ପରିବହନ ସେବା ପ୍ରଦାନକାରୀ ସଂସ୍ଥା, ଶିକ୍ଷାବିତ୍ ଏବଂ ଗବେଷକମାନଙ୍କୁ ଆର୍ଥିକ, ବୈଷୟିକ ଏବଂ ପରିଚାଳନାଗତ ଆହ୍ୱାନ ଗୁଡ଼ିକର ମୁକାବିଲା ନିମନ୍ତେ ଉପାୟ ଖୋଜିବା ଲାଗି ଆମନ୍ତ୍ରଣ କରିଛନ୍ତି । ନୀତି ଗିୟରସିଫ୍ଟ ପ୍ରତିଯୋଗିତା ଆଇଆଇଏମ୍ ବାଙ୍ଗାଲୋର, ସ୍ମାର୍ଟ ଫ୍ରେଟ୍ ସେଣ୍ଟର ଇଣ୍ଡିଆ, ଡବ୍ଲୁଆର୍ ଆଇ ଇଣ୍ଡିଆ ଏବଂ ଅନ୍ୟମାନଙ୍କ ସହଯୋଗରେ ଆୟୋଜିତ ହେଉଛି । ନୀତି ଆୟୋଗଠାରୁ ମିଳିଥିବା ସୂଚନା ଅନୁସଯାୟୀ ୨ଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ହେବ ।

*MET*

## ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି । ଘୂର୍ଣ୍ଣିବଳୟ ଆସନ୍ତାକାଲି ସୁଦ୍ଧା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ରାଜ୍ୟରେ ଆଜିଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବ ।

ଆସନ୍ତା ୨୪ଘଣ୍ଟା ମଧ୍ୟରେ ଅତି ପ୍ରବଳ ବର୍ଷା ହେବା ନେଇ କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ୧୪ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

*********************************